# NATIONAL NEWS BULLETIN (ODIA)

## 5 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ଏବଂ ଆସାମ ବିଧାନସଭା ନିର୍ବାଚନରେ ବିଜେପିକୁ ସ୍ପଷ୍ଟ ବହୁମତ ।

– ପୁଡୁଚେରୀରେ ପୁନଃ ସରକାର ଗଠନ କରିବ ଏନ୍.ଡି.ଏ. ।

– ତାମିଲନାଡୁରେ ପ୍ରଥମଥର ପାଇଁ ନିର୍ବାଚନ ଲଢ଼ିଥିବା ଟି.ଭି.କେ.କୁ ସର୍ବାଧିକ ଆସନ ।

- ବିଜେପିର ବିଜୟକୁ ଐତିହାସିକ ଓ ଅଭୁତପୂର୍ବ ବୋଲି ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ ।

- ଆମେରିକୀୟ ଜାହାଜଗୁଡ଼ିକ ଉପରେ ଆକ୍ରମଣ କଲେ ଇରାନ୍‌କୁ କଠୋର ପରିଣାମ ଭୋଗ କରିବାକୁ ପଡ଼ିବ, ଚେତାବନୀ ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌର ସୁପର ଜ୍ୟାଏଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ ।

## ୱେଷ୍ଟବେଙ୍ଗଲ-ରେଜଲ୍ଟସ୍

ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନର ଫଳାଫଳ ଇତିହାସ ସୃଷ୍ଟି କରିଛି । ବିଜେପି ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ ବହୁମତ ହାସଲ କରିଛି । ଭୋଟ ଗଣତି ହୋଇଥିବା ୨୯୩ଟି ଆସନ ମଧ୍ୟରୁ ୨୯୨ଟିର ଫଳାଫଳ ଘୋଷିତ ହୋଇଛି । ସେଥିମଧ୍ୟରୁ ବିଜେପି ୨୦୬ଟି ଆସନ ଅକ୍ତିଆର କରି ଦୁଇ ତୃତୀୟାଂଶରୁ ଅଧିକ ସଂଖ୍ୟା ଗରିଷ୍ଠତା ହାସଲ କରିଛି । ଏଥିସହ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନ ସମାପ୍ତି ହୋଇଛି । କଂଗ୍ରେସ ଏବଂ ଆମ ଜନତା ଉନ୍ନୟନ ପାର୍ଟି ଏ.ଜେ.ୟୁ.ପି. ଦୁଇଟି ଲେଖାଏଁ ଆସନ ଏବଂ ସି.ପି.ଏମ୍. ଗୋଟିଏ ଆସନରେ ବିଜୟୀ ହୋଇଛି ।

ଭବାନୀପୁର ବିଧାନସଭା ଆସନରୁ ବିଜେପିର ସୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ୧୫ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି । ନନ୍ଦୀଗ୍ରାମ ଆସନରୁ ମଧ୍ୟ ଶ୍ରୀ ଅଧିକାରୀ ବିଜୟୀ ହୋଇଛନ୍ତି । ୧୯୭୨ ମସିହା ପରେ ପ୍ରଥମଥର ପାଇଁ କେନ୍ଦ୍ରରେ କ୍ଷମତାରେ ଥିବା ଦଳ

ପଶ୍ଚିମବଙ୍ଗରେ ସରକାର ଗଠନ କରିବାକୁ ଯାଉଛି । ଏ.ଜେ.ୟୁ.ପି. ମୁଖ୍ୟ ହୁମାୟୁନ୍ କବୀର୍ ଉଭୟ ନୌଡ଼ା ଏବଂ ରାଜୀନଗର ଆସନରୁ ବିଜୟୀ ହୋଇଛନ୍ତି । ୨୯୪ଟି ଆସନ ପାଇଁ ପଶ୍ଚିମବଙ୍ଗରେ ୨ଟି ପର୍ଯ୍ୟାୟରେ ଗତ ମାସ ୨୩ ଓ ୨୯ ତାରିଖରେ ନିର୍ବାଚନ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରେକର୍ଡ଼ ସଂଖ୍ୟକ ୯୨ ଦଶମିକ୍ ୪/୭ ପ୍ରତିଶତ ମତଦାନ ହୋଇଥିଲା ।

ତେବେ ଗତ ୨ ତାରିଖରେ ୧୫ଟି ବୁଥ୍‌ରେ ପୁନଃ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ ନିର୍ବାଚନୀ ହିଂସା ଏବଂ ଜାଲିଆତି ଅଭିଯୋଗ ନେଇ ଫାଲଟା ନିର୍ବାଚନ ମଣ୍ଡଳୀର ମତଗ୍ରହଣକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି । ଆସନ୍ତା ୨୧ ତାରିଖରେ ଏହି ଆସନରେ ମତ ଗ୍ରହଣ କରାଯିବା ସହ ୨୪ ତାରିଖରେ ଭୋଟ ଗଣତି କରାଯିବ । ୨୦୨୧ ନିର୍ବାଚନରେ ଟି.ଏମ୍.ସି. ୨୧୫ଟି ଆସନ ହାସଲ କରିଥିବାବେଳେ ବିଜେପି ୭୭ଟି, ଗୋରଖା ଜନମୁକ୍ତି ମୋର୍ଚ୍ଚା ଏବଂ ଆଇ.ଏସ୍.ଏଫ୍. ଗୋଟିଏ ଲେଖାଏଁ ଆସନ ପାଇଥିଲେ ।

ତାମିଲନାଡୁରେ ଅଭିନେତାରୁ ରାଜନେତା ପାଲଟିଥିବା ଥାଲାପତି ବିଜୟଙ୍କ ଦଳ ତାମିଲଗା ଭେଟ୍ରି କାଝାଗମ – ଟି.ଭି.କେ. ପ୍ରଥମଥର ପାଇଁ ନିର୍ବାଚନ ଲଢ଼ି ବୃହତମ ଦଳ ଭାବେ ଉଭା ହୋଇଛି । ୨୩୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଟି.ଭି.କେ. ୧୦୮ଟି ଆସନ ହାସଲ କରିଛି ।

ଅନ୍ୟ ପକ୍ଷରେ ଶାସକ ଡି.ଏମ୍.କେ ୫୯ଟି ଆସନ ହାସଲ କରିଥିବାବେଳେ ଏ.ଆଇ.ଏ.ଡି.ଏମ୍.କେ. ୪୭ଟି ଆସନ ଜିତିଛି । ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଚେନ୍ନାଇର କୋଲାଥୁରୁ ବିଧାନସଭା ମଣ୍ଡଳୀରେ ଟି.ଭି.କେ. ପ୍ରାର୍ଥୀ ଭି.ଏସ୍. ବାବୁଙ୍କଠାରୁ ପ୍ରାୟ ୮ହଜାର ୭୦୦ ଭୋଟରେ ପରାସ୍ତ ହୋଇଛନ୍ତି । ତେବେ ତାଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଚେପୋକ୍-ଥିରୁଭାଲିକେନିରେ ବିଜୟ ହାସଲ କରିଛନ୍ତି । ତିରୁପୁର ଜିଲ୍ଲାର ଅଭିନାସି ସଂରକ୍ଷିତ ଆସନରୁ ବିଜେପନି ପ୍ରାର୍ଥୀ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ ଟି.ଭି.କେ.ର କମଲି ଏସ୍.ଙ୍କଠାରୁ ପରାସ୍ତ ହୋଇଛନ୍ତି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ପି.ଏମ୍.କେ. ୪ଟି ଏବଂ କଂଗ୍ରେସ ୫ଟି ଆସନରେ ବିଜୟ ଲାଭ କରିଛି । ବିଜେପି, ଡି.ଏମ୍.ଡି.କେ. ଏବଂ ଏ.ଏମ୍.ଏମ୍.କେ. ଗୋଟିଏ ଲେଖାଏଁ ଆସନ, ସି.ପି.ଆଇ.ଏମ୍., ଭି.ସି.କେ. ଏବଂ ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ୍ ଲିଗ୍ ୨ଟି ଲେଖାଏଁ ଆସନ ହାସଲ କରିଛନ୍ତି । ଟି.ଭି.କେ. ମୁଖ୍ୟ ଶ୍ରୀ ବିଜୟ ଖୁବ୍ ଶୀଘ୍ର ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି । ତେବେ ସରକାର ଗଠନ ପାଇଁ ଟି.ଭି.କେ.କୁ ଆଉ ୧୦ଟି ସଦସ୍ୟଙ୍କର ଆବଶ୍ୟକତା ରହିଛି ।

ଆସାମ ଏବଂ ପୁଡୁଚେରୀରେ ବର୍ତ୍ତମାନର ସରକାର ପୁନଃ କ୍ଷମତାକୁ ଫେରିଥିବା ବେଳେ କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. ସବୁଠାରୁ ଅଧିକ ଆସନ ହାସଲ କରିଛି ।

# ପିଏମ୍ ମୋଦୀ-ବିଜେପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପିର ବିଜୟକୁ ଐତିହାସିକ ଏବଂ ଅଭୁତପୂର୍ବ ବୋଲି ବର୍ଣ୍ଣନା କରିଛନ୍ତି । ପଶ୍ଚିମବଙ୍ଗ, ଆସାମ, କେରଳମ୍, ତାମିଲନାଡୁ ଏବଂ ପୁଡୁଚେରୀର ଜନତା ଓ ଦଳୀୟ କର୍ମୀଙ୍କୁ ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଛନ୍ତି । ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଏବେ ୨୦ରୁ ଅଧିକ ରାଜ୍ୟରେ କ୍ଷମତାଧିନ ହୋଇଛି ।

ନାଗରୀକ ହିଁ ଈଶ୍ୱର ଏହି ମନ୍ତ୍ରରେ ବିଜେପି କାର୍ଯ୍ୟ କରିବା ସହ ଦଳୀୟ କର୍ମୀ ଲୋକଙ୍କ ସେବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି । ଫଳରେ ଦେଶବାସୀଙ୍କର ବିଶ୍ୱାସ ଅଧିକରୁ ଅଧିକ ମିଳୁଛି । ବିଜେପି ଶାସନାଧିନ ରାଜ୍ୟଗୁଡ଼ିକରେ ସୁ-ଶାସନ ଏବଂ ବିକାଶ ଜାରି ରହିଛି ବୋଲି ଦେଶବାସୀଙ୍କ ପାଖରେ ସ୍ପଷ୍ଟ ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଦେଶ ପାଇଁ ନୂତନ ସୂର୍ଯ୍ୟ ଉଦୟ ହୋଇଛି ଏବଂ ଭାରତର ମହାନ ଗଣତନ୍ତ୍ର,

କାର୍ଯ୍ୟଦକ୍ଷତାର ରାଜନୀତି ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଦୃଷ୍ଟିକୋଣରେ ସମସ୍ତେ ଆସ୍ଥା ପ୍ରକଟ କରିଛନ୍ତି ।

**V/O-1-PM-MODI-ON-DEMOCRACY**

ଦଳୀୟ କର୍ମୀଙ୍କୁ ମାର୍ଗଦର୍ଶନ ପାଇଁ ଶ୍ରୀ ମୋଦୀ ବିଜେପି ସଭାପତି ନୀତିନ ନବୀନଙ୍କୁ ପ୍ରଶଂସା କରିଛନ୍ତି ।

ଆସାମବାସୀ ଲଗାତର ତୃତୀୟଥର ପାଇଁ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଆସାମ ଇତିହାସରେ ଏହା ଏକ ବଡ଼ ସଫଳତା । ରେକର୍ଡ଼ ସଂଖ୍ୟକ ମତଦାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ନିର୍ବାଚନର ସଠିକ୍ ପରିଚାଳନା ପାଇଁ ଭାରତୀୟ ନିର୍ବାଚନ କମିଶନ୍ ଏବଂ ଏହାର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସମସ୍ତ ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ଜନସାଧାରଣ ବିଜେପିକୁ ସମର୍ଥନ ପ୍ରଦାନ କରିଥିବାରୁ ଦଳର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ସେଠାକାର ଲୋକମାନଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ।

# ଟ୍ରମ୍ପ୍ ଲାଟେଷ୍ଟ ଓ୍ବାର୍ଣ୍ଣିଂ

ଆମେରିକୀୟ ଜାହାଜଗୁଡ଼ିକ ଉପରେ ଇରାନ୍ ଆକ୍ରମଣ କଲେ କଠୋର ପରିଣାମ ଭୋଗ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ସଂଯୁକ୍ତ ଆରବ ଏମିରେଟ୍ସ ଉପରେ ଇରାନ୍‌ର ଆକ୍ରମଣ ପରିପ୍ରେକ୍ଷୀରେ ଶ୍ରୀ ଟ୍ରମ୍ପ୍ ଏହି ମନ୍ତବ୍ୟ ଦେଇଛନ୍ତି । ଓ୍ବାଶିଂଟନ୍ ଦେଇଥିବା ସୂଚନା ଅନୁଯାୟୀ ହର୍ମୁଜ୍ ପ୍ରଣାଳୀରେ ଇରାନ୍‌ର ୭ଟି ଡଙ୍ଗା ଉପରେ ଆମେରିକା ସେନା ଆକ୍ରମଣ କରିଛି । ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସେଗୁଡ଼ିକୁ ଧ୍ୱଂସ କରିବା ପାଇଁ ଆମେରିକା ସେନା ପକ୍ଷରୁ ହେଲିକ୍ୟାପ୍ଟର ନିୟୋଜିତ କରାଯାଇଥିଲା ।

ତେବେ ଏ ନେଇ ଇରାନ୍ ପକ୍ଷରୁ କୌଣସି ବିବୃତ୍ତି ମିଳିନାହିଁ । ଆମେରିକା ଏବଂ ଇରାନ୍ ମଧ୍ୟରେ ଏଭଳି ଚେତାବନୀ ଓ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ବୃଦ୍ଧି ପାଉଛି । ଅଟକି ରହିଥିବା ଜାହାଜ ଗୁଡ଼ିକୁ ସୁରକ୍ଷିତ ଭାବେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିବାକୁ ଆମେରିକାର ଜାହାଜ ସହାୟତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ପ୍ରୋଜେକ୍ଟ ଫ୍ରିଡମ୍‌ର ଏହା ଏକ ଅଂଶସ୍ୱରୂପ ବୋଲି ଆମେରିକା ବର୍ଣ୍ଣନା କରିଛି । ଆମେରିକା କେନ୍ଦ୍ରୀୟ କମାଣ୍ଡ୍'ର ମୁଖ୍ୟ ବ୍ରାଡ୍ କୁପର କହିଛନ୍ତି, ୮୭ଟି ଦେଶର ଜାହାଜ ଏହି ଉତ୍ତେଜନା ପରିପ୍ରେକ୍ଷୀରେ ଅଟକି

ରହିଛନ୍ତି । ଅନ୍ୟ ପକ୍ଷରେ ଇରାନ୍ କହିଛି, ହର୍ମୁଜ୍ ପ୍ରଣାଳୀ ବନ୍ଦ ରହିଛି । ଆମେରିକାର ଜାହାଜ ଉପରେ ଇରାନ୍ ପକ୍ଷରୁ ଚେତାବନୀ ଭାବେ ଗୁଳି କରାଯାଇଛି ବୋଲି ଇରାନ୍ ସୂଚନା ଦେଇଛି ।

## ଜୟଶଙ୍କର-ଜାମାଇକା ମିଟିଂ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କ ଜାମାଇକା ପ୍ରତିପକ୍ଷ କାମିନା ଜନ୍‌ସନ୍ ସ୍ମିଥ୍ ଏବଂ ସେଠାକାର କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବୈଠକ ଅବସରରେ ଦ୍ୱିପାକ୍ଷିକ ସହଭାଗିତାର ବିଭିନ୍ନ ଦିଗ ଉପରେ ମତ ବିନିମୟ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଡିଜିଟାଲ୍ କ୍ଷେତ୍ର, ପର୍ଯ୍ୟଟନ, କ୍ରୀଡ଼ା, ମନୋରଞ୍ଜନ, ଭିତ୍ତିଭୂମି ବିକାଶ, ଦକ୍ଷତା ନିର୍ମାଣ ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ ଜୟଶଙ୍କର କହିଛନ୍ତି । ଜାମାଇକାର ଶିଳ୍ପ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଆଲୋଚନା କରିଥିବା ସୂଚନା ଦେଇଛନ୍ତି ।

# ପିନେରାଇ ବିଜୟନ୍ ରିଜାଇନ୍

କେରଳମ୍ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ୍ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍.ର ବିଜୟ ପରେ ଶ୍ରୀ ବିଜୟନ୍ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍‌ଲେକର୍ ଶ୍ରୀ ବିଜୟନ୍‌ଙ୍କ ଇସ୍ତଫା ପତ୍ରକୁ ଗ୍ରହଣ କରିନେଇଛନ୍ତି । ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନୂତନ ସରକାର ଗଠନ ଏବଂ ଶପଥଗ୍ରହଣ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦବୀରେ କାର୍ଯ୍ୟ ନିର୍ବାହ କରିବାକୁ ଶ୍ରୀ ବିଜୟନ୍‌ଙ୍କୁ ରାଜ୍ୟପାଳ ଶ୍ରୀ ଆର୍‌ଲେକର୍ ଅନୁରୋଧ କରିଛନ୍ତି ।

# ସିବିଆଇ

ଜାଲିଆତି ବେଆଇନ୍ ଅର୍ଥକାରବାର ଅଭିଯୁକ୍ତ ପଳାତକ ମହମ୍ମଦ ନଭାସ କକ୍କତ୍ ଇସ୍‌ମାଇଲ୍‌କୁ ଭାରତକୁ ଅଣାଯାଇଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦେଇଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ଇସ୍‌ମାଇଲ୍ ସଂଯୁକ୍ତ ଆରବ ଏମିରେଟ୍ସକୁ ପଳାୟନ କରିଥିଲା । ଦିଲ୍ଲୀ ପୋଲିସ୍‌ର ଅନୁରୋଧ କ୍ରମେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଗୃହ ମନ୍ତ୍ରଣାଳୟ ସହ ସମନ୍ୱୟ ରକ୍ଷା କରି ସି.ବି.ଆଇ. ଇସ୍‌ମାଇଲ୍‌କୁ ସଫଳତାର ସହ ଭାରତକୁ ଆଣିଛି । ଗତକାଲି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆନ୍ତର୍ଜାତିକ ବିମାନ

ବନ୍ଦରଠାରେ ପହଞ୍ଚିବା ପରେ ଇସ୍‌ମାଇଲ୍‌କୁ ଦିଲ୍ଲୀ ପୋଲିସ୍ ଗିରଫ୍ କରିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇର ଓ୍ୱାଙ୍ଖଡ଼େ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ୫ ଓ୍ୱିକେଟ୍ ବିନିମୟରେ ୨୨୮ରନ୍ ସଂଗ୍ରହ କରିଥିଲା । ୨୨୯ରନ୍‌ର ବିଜୟ ଲକ୍ଷ୍ୟକୁ ୧୮ ଓଭର ୪ଟି ବଲ୍‌ରେ ୪ ଓ୍ୱିକେଟ୍ ବିନିମୟରେ ମୁମ୍ବାଇ ଇଣ୍ଡିଆନ୍ସ ହାସଲ କରିପାରିଥିଲା । ରିୟାନ୍ ରିକେଲଟନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଉନ୍ନିତ ହୋଇଛି । ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ୯ଟି ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ହାସଲ କରିଛି ।

ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।